# ଅବିଶ୍ୱାସ ହେଲେ ବି ନିଚ୍ଛକ ସତ୍ୟ !

ମୋର ନାମ ରଞ୍ଜିତ୍ (ଛଦ୍ମନାମ), ଘର ଯାଜପୁର ଜିଲ୍ଲାରେ । ପିଲାବେଳୁ ବହୁ ଦୁଃଖକଷ୍ଟ ସହ୍ୟ କରି ପାଠ ପଢିଥିଲି । ମୁଁ ଅତିଭଲ ମେଧାବୀ ଛାତ୍ର ନୁହେଁ । ବହୁ କଷ୍ଟରେ ମାଟ୍ରିକ୍ ପାସ୍ କରିଥିଲି । ମାତ୍ର ସ୍କୁଲ୍‌ରେ ଜଣେ ଭଲ ଛାତ୍ର ହିସାବରେ ଛାତ୍ର ମହଲ ଶିକ୍ଷକମାନଙ୍କ ପାଖରେ ମୁଁ ଅତ୍ୟନ୍ତ ପ୍ରିୟ ଥିଲି । ଘରର ଆର୍ଥିକ ସ୍ୱଚ୍ଛଳତା ଭଲ ନଥିବାରୁ ମୋତେ ଆଇ.ଟି.ଆଇ. ପଢିବାକୁ ପଡିଲା । ଧିରେ ଧିରେ ବୟସ ବୃଦ୍ଧି ଘଟିବାରୁ ମୋର ବାହାଘର ପାଇଁ ଖୋଜା ଚାଲିଲା । ଇତି ମଧ୍ୟରେ ଗାଁ ପାଖରେ ମୋର ବାହାଘର ଠିକ୍ ହୋଇଥିଲା । ମାତ୍ର ଆର୍ଥିକ ଅବସ୍ଥା ଏବଂ ମୋର ରୋଜଗାର ପାଇଁ ବ୍ୟବସ୍ଥା ହୋଇନଥିବାରୁ ଘରେ ବିବାହ ପାଇଁ କିଛିଦିନ ଗଡ଼ାଇଥିଲେ । ମାତ୍ର ମୋର ଶ୍ୱଶୁର ବାରମ୍ବାର ଆମ ଘରକୁ ଆସୁଥିଲେ । ଇତି ମଧ୍ୟରେ କେହିଜଣେ ଅଜଣା ବ୍ୟକ୍ତି ମତେ ଫୋନ୍ କରି କହିଥିଲେ ଯେ, ମୁଁ ବିବାହ କରିବାକୁ ଯାଉଥିବା ଝିଅ ସହ ମୋର ଦୀର୍ଘଦିନର ସମ୍ପର୍କ ରହିଛି । ବହୁଶୀଘ୍ର ଆମେ  ବିବାହ କରିବୁ । ମାତ୍ର ପରିବାରର ଲୋକ ଏଥିରେ ରାଜି ନାହାଁନ୍ତି । ଏକଥା ଶ୍ୱଶୁରଙ୍କୁ ଜଣାଇଲା ପରେ ସେ ମୋତେ କହିଲେ ଏହା ପୂର୍ବରୁ ତିନି ଜଣଙ୍କର ପ୍ରସ୍ତାବ ଏଭଳି ମିଛକଥା କହି ଭାଙ୍ଗିଲାଣି । ଏହା ଏକ ସମ୍ପୂର୍ଣ୍ଣ ମିଥ୍ୟା କଥା । କେହି ଜଣେ ଆମ ପରିବାରର ଶତ୍ରୁ । ଏଭଳି ମିଥ୍ୟା କଥା କହି ବାହାଘର ଭାଙ୍ଗୁଛି । ଏଭଳି ମନଭୁଲାଣିଆ କଥା କହି, କଥାକୁ ଏଡ଼ାଇ ଦେଇଥିଲେ । ଇତି ମଧ୍ୟରେ ମୁଁ ଯେଉଁ ଆଇ.ଟି.ଆଇ. କଲେଜ୍‌ରେ ପାଠ ପଢୁଥିଲି ସେହି ଜାଗାରେ ମୋର ଚାକିରୀ ହୋଇଗଲା । ତା ୨୭ ଜୁନ୍ ୨୦୦୭ରିଖ ଦିନ ମୋର ବାହାଘର ସମ୍ପର୍ଣ୍ଣ ହେଲା । ବିବାହର ମାତ୍ର କେଇଦିନ ପରେ ମୋର ସ୍ତ୍ରୀ ଘରେ ରହିବା ପାଇଁ ଅରାଜି ହେଲା । ପାଖାପାଖି କୌଣସି ଯାଗାରେ ଆମେ ସ୍ୱାମୀ ସ୍ତ୍ରୀ ଏକା ଏକା ରହିବା ପାଇଁ ଚାପ ସୃଷ୍ଟି କଲା । ମାତ୍ର ମୁଁ ତାଙ୍କ କଥାରେ ଅରାଜି ଥିଲି । ଏହାପରେ ଛୋଟ ଛୋଟ କଥାରେ ପରିବାର ଭିତରେ ପ୍ରବଳ ହଟଗୋଳ ଲାଗିଲା । ମୋର ଶ୍ୱଶୁର ଆସି ଘରେ ବହୁ ଖରାପ୍ ବ୍ୟବହାର କରି କହିଲେ ଏବଂ ଜେଲ୍‌ରେ ପୁରାଇ ଚକି ପେଷାଇ ଦେବେ ବୋଲି ବାପାଙ୍କୁ ଏବଂ ମୋତେ ଧମକ ଦେଲେ । ବାପାଙ୍କର ଅବସର ପରେ ବାପା ଯାଜପୁର ଟାଉନ୍ ଠାରେ ଏକ ଘର କରିଥିଲେ । ସେହି ଘରେ ରହିବା ପାଇଁ ମଧ୍ୟ ମୋ ସ୍ତ୍ରୀ ସମ୍ପୂର୍ଣ୍ଣ ଅରାଜି ହେଲା । ସବୁ ବେଳେ ମୋବାଇଲ୍‌ରେ  ଯୋଡ଼ି ହୋଇ ରହି ଧିରେ ଧିରେ ମୋଠାରୁ ଦୂରେଇବା ପାଇଁ ଆରମ୍ଭ କଲା । ଏପରିକି ମାସରେ ମୋପାଖରେ ଦଶଦିନ କଟାଇ ବାକି କୋଡ଼ିଏ ଦିନ ତାଙ୍କ ବାପଘରେ କଟାଇଲା । ସବୁଠାରୁ କଷ୍ଟ କଥା ହେଲା, ସେ ମୋ ସହିତ ଶାରିରୀକ ସମ୍ପର୍କ ରଖିବା ପାଇଁ ସିଧା ସିଧା ମନା କଲାଏବଂ କହିଲା ଯେ, ମୋର ଜଣେ ପୁଅ ସହିତ ସମ୍ପର୍କ ଅଛି । ମୁଁ ତାଙ୍କୁ ବିବାହ କରିବାକୁ ଚାହେଁ । ଏ କଥା ଶୁଣିବା ପରେ ଦୁଇଦିନ ପର୍ଯ୍ୟନ୍ତ ମୁଁ କଣ କରିବି କିଛି ବୁଝିପାରିଲି ନାହିଁ । ଏହାପରେ ମୋର ଶ୍ୱଶୁରଙ୍କୁ ଜଣାଇବାରୁ ସେ ଆସି ମୋ ସ୍ତ୍ରୀକୁ ଯେଚ୍ଛା ତାହା ଗାଳିଗୁଲଜ କରିବା ସହିତ ମାରଧର୍ ମଧ୍ୟ କରିଥିଲେ । ଏହାପରେ ମୋତେ ଶ୍ୱଶୁର କହିଥିଲେ ଯେ, ଯାହା ହେଲାଣି ହେଲାଣି, ଘରକଥା ଘରେ ରହୁ ଏକଥା ବାହାରକୁ ଆଉ ନିଅ ନାହିଁ । ମତେ କଥାଟି ଅନେକ କଷ୍ଟ ଦେଉଥିଲେ ମଧ୍ୟ ମୁଁ ଚୁପ୍ ଚାପ୍ ରହିଲି ମାତ୍ର ମୋ ସ୍ତ୍ରୀ ମନ ଭଲନାହିଁ ବୋଲି କହି ମୋ ସହିତ ସମ୍ପର୍କ ରଖିଲା ନାହିଁ । ପ୍ରାୟ ମାସେ ଦେଢମାସ ପରେ ହଠାତ୍ ଦିନେ ତାର ଲୁଗାପଟା ଧରି ମୋତେ କହିଲା ମୋତେ ନେଇ  ଆମ ଘରେ ଛାଡ଼ିଦେଇଆସ । ମୋର ମନ ଏଠି ଭଲଲାଗୁନାହିଁ । ଇତି ମଧ୍ୟରେ ଆମର ମଧ୍ୟ ଏକ ଚାରି ବର୍ଷର ଝିଅ ଅଛି । ସେହିଦିନଠାରୁ ମୋ ସ୍ତ୍ରୀ ଏକ ଘରନେଇ ରହୁଛି ଏବଂ ଏକ ଘରୋଇ ବିଦ୍ୟାଳୟରେ ଶିକ୍ଷକତା କରିବା ସହିତ ତାର ପୁଅ ସାଙ୍ଗ ସହିତ ସମ୍ପର୍କ ସ୍ଥାପନ କରି ରହିଛି । ଯେତେ ଡାକିଗଲେ ମଧ୍ୟ ମୋ ନାମରେ ମିଥ୍ୟା ମକଦ୍ଦମା କରିବ ବୋଲି ଧମକ  ଦେଉଛି । ପୋଲିସ୍ ପାଖକୁ ଗଲେ ପୋଲିସ୍ କହୁଛି ଆମେ କିଛି କରିପାରିବୁ ନାହିଁ । ଏପରି ସ୍ଥଳେ ମୁଁ ଅନେକ ଥର ଚିନ୍ତା କରୁଛି ଏହି ଘଟଣା ବିଷୟରେ ଏକ ଚିଠି ଲେଖି ଓଡ଼ିଶାରେ ସମସ୍ତ ଉପରିସ୍ଥ ଅଧିକାରୀମାନଙ୍କୁ ଜଣାଇ ଆତ୍ମହତ୍ୟା କରିବି ବୋଲି .........


ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍  (ଆବାହକ)
ମୋ- ୯୪୩୭୧୬୪୩୯୯


ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।